# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ବୁଣାଧାନ:**

- ❖ ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ସିଧା ବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ ଏବଂ ୨,୪ D ସୋଡିୟମ୍ ଲୁଣ ୮୦WP ପ୍ରତି ଏକର ପିଛା ୦.୫ କି.ଗ୍ରା ହିସାବରେ ଧାଡି ବୁଣା ସ୍ଥାନରେ ପ୍ରୟୋଗ କରି ଚଉଡା ପତ୍ର ବାଲୁଙ୍ଗା ଓ ଅନାବନା ଘାସକୁ ଦମନ କରନ୍ତୁ । ଯବକ୍ଷାରଜାନ ସାରର ଏକତୃତୀୟାଂଶ(ଏକର ପିଛା ୧୪ କି.ଗ୍ରା.) ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ଯେଉଁ ଜମିରେ ଫସଫରସ କିମ୍ବା ପଟାସ୍ ସାର ପଡିନାହିଁ ସେଥିରେ ଏକର ପ୍ରତି ୮ କି.ଗ୍ରା. ହିସାବରେ ଫସଫରସ୍ ଏବଂ ପଟାସ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ❖ ବର୍ଷାଶ୍ରୀତ ଉଚ୍ଚାଜମିରେ (୨-୩ ପତ୍ରବିଶିଷ୍ଟ) ଘାସ ଦମନ ପାଇଁ ବିହନ ବୁଣିବାର ୮ ରୁ ୧୦ ଦିନ ପରେ ବିସିପିରିବାକ୍ ସୋଡିୟମ୍ (Bisipyribac sodium) ୧୦ SC @ ୧୨୦ ମି.ଲି. ଏକର ପ୍ରତି ୧୪୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଦ୍ୱିତୀୟଥର ଏବଂ ଶେଷଥର ଘାସ ବାଛିବା ପରେ ଏକ ତୃତୀୟାଂଶ ଯବକ୍ଷାରଜାନ(୧୨ କି.ଗ୍ରା ୟୁରିଆ/ଏକର) ଥୋଡସାର ଭାବେ ପ୍ରୟୋଗ କରନ୍ତୁ ।

**ରୁଆ ଧାନ:**

- ❖ ଉକୁଣିଆ ପୋକ ଦମନ ପାଇଁ ୧୦ ଲିଟର ପାଣିରେ ୩ ମି.ଲି. ହିସାବରେ ଥାୟୋମିଥୋକ୍ସାମ୍ ୨୫ WG ପ୍ରୟୋଗ କରନ୍ତୁ ।
- ❖ ଏହି ମାସର ପ୍ରଥମ ପକ୍ଷରେ ତଳିରୁଆ କାମ ସଂପୂର୍ଣ୍ଣ ହେବା ଦରକାର । ଏକ ତୃତୀୟାଂଶ ଯବକ୍ଷାରଜାନ ସାର(ଏକର ପିଛା ୧୪ କି.ଗ୍ରା. ୟୁରିଆ ସାର) ଏବଂ ସଂପୂର୍ଣ୍ଣ ଫସଫରସ୍ ଓ ପଟାସ୍ (୪୪ କି.ଗ୍ରା. ଡି.ଏ.ପି ଓ ୩୪ କି.ଗ୍ରା. ଏମ୍. ଓ .ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ କରିବା ବେଳେ ଜମିରେ ପତଳା ଠିଆ ପାଣି ରହିବା ଆବଶ୍ୟକ ।
- ❖ ଧାନ ଗଛକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ୨୫-୩୦ ଦିନର ତଳିକୁ ଉପାଡି ସାରିବା ପରେ କ୍ଲୋରୋପାଇରିଫସ୍ ୨୦ EC ଦ୍ରବଣରେ (୧ ଲିଟର ପାଣିରେ ୧ ମି.ଲି.) ବୁଡାଇ ରଖନ୍ତୁ ।
- ❖ ପ୍ରତି ବୁଦାରେ ୨ ରୁ ୩ ଟି ହିସାବରେ ତଳି ୨୦X୧୫ ସେ.ମି. ବ୍ୟବଧାନରେ ରୋଇଦିଅନ୍ତୁ । ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧-୨ ସେ.ମି. ଠିଆ ପାଣି ବିଲରେ ରଖନ୍ତୁ । ଅଧିକ ଦିନର ତଳି ଥିଲେ ୪ ରୁ ୫ ଟି ତଳି ବୁଦାପ୍ରତି ରୁଅନ୍ତୁ ।
- ❖ ଜମି ଓଦାଳିଆ ଥିଲେ କିମ୍ବା ୨-୩ ସେ.ମି. ଠିଆ ପାଣିଥିବା ବର୍ଷାଶ୍ରୀତ ରୁଆଧାନରେ ଧାନ ରୋଇବାର ୮ ରୁ ୧୦ ଦିନ ପରେ ବାଲୁଙ୍ଗା ଦମନ ପାଇଁ ବେନସଲଫ୍ୟୁରାନ୍ ମିଥାଇଲ+ ପ୍ରେଟିଲାକ୍ଲୋର(Ready-mix) ଦାନାଦାର (ଲୋଣ୍ଡାକ୍ସ ପାୱାର/Erase strong ) ୪ କି.ଗ୍ରା /ଏକର ୧୨ କି.ଗ୍ରା. ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ ।
- ❖ ଜଳସେଚିତ ଧାନ ରୁଆର ୧୫ ଦିନ ପରେ ଜମିରେ ୩-୪ ପତ୍ରବିଶିଷ୍ଟ ଘାସ ଦମନ ପାଇଁ ଆଜିମ୍‌ସଲଫ୍ୟୁରାନ୍ ୫୦ DF @ ୨୮ ଗ୍ରାମ୍ /ଏକର ୧୪୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଘାସମରା ଔଷଧ ଭଲଭାବେ କାମ କରିବା ପାଇଁ ସେଥିରେ ୨୫୦ ମି.ଲି./ଏକର ହିସାବରେ ସାବୁନ ପାଣି (surfectant) ମିଶାଇ ବ୍ୟବହାର କରନ୍ତୁ ।
- ❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ପ୍ରତି ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ବସାନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତାପ୍ରତି ୪ ରୁ ୫ଟି ହୋଇଯିବ, ଏକର ପିଛା ୪ କି.ଗ୍ରା. ରାଇନାକ୍ସିପାର ୦.୪ ଜି ସହ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ ।

******